ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରୁ ଆୟ

୨୭।୮।୨୦୨୪

୩,୦୭,୩୫୬ ଟଙ୍କା

'ସମାଜ' ଜନମତ

୨୭।୮ର ମତାମତ

ବିଧାନସଭାର ନବ ନିର୍ବାଚିତ ବିଧାୟକଙ୍କୁ ଦଳୀୟ ଭିତ୍ତିରେ ପ୍ରଶିକ୍ଷଣ ଯୁକ୍ତିସଙ୍ଗତ କି ?

ହଁ	୭୫%
ନା	୨୫%
ମନ୍ତବ୍ୟ ନାହିଁ	୦%

ଆଜିର ପ୍ରସଙ୍ଗ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୟୁକ୍ରେନ ଗସ୍ତ ପରେ ରୁଷ ପକ୍ଷରୁ ଯୁଦ୍ଧ ବିରତି ସମ୍ଭାବନା ରହିଛି କି ?

samajalive.inର ଟ୍ୱିଟର ଆକାଉଣ୍ଟ ଓ samajalive.in ୱେବ୍ ପେଜ୍‌ରେ ଦେଇପାରିବେ ଆପଣଙ୍କ ମନ୍ତବ୍ୟ। ମତ ଦେବା ସମୟ ସକାଳ ୯ରୁ ରାତି ୯।

ଅଗ୍ନିକାଣ୍ଡରେ ଜଳିଗଲା ୨୦ ବଖରା

ସୁଆଣ୍ଡୋ, ୨୭।୮ (ନି.ପ୍ର) : ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ଆଳିଶ ଗ୍ରାମରେ ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ୧୧ ପରିବାର ସର୍ବସ୍ୱାନ୍ତ ହୋଇଛନ୍ତି। ପ୍ରାୟ ୨୦ ବଖରା ଭସ୍ମୀଭୂତ ହେବାସହ ୩ ମୋଟର ସାଇକଲ, ୧୫ ସାଇକଲ ଓ ଅନ୍ୟ ସାମଗ୍ରୀ ଜଳି ନଷ୍ଟ ହୋଇଛି। ସତ୍ୟବାଦୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଛି। ମଙ୍ଗଳବାର 'ସମାଜ' ରିଲିଫ୍ କମିଟି ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ କରାଯାଇଛି।

ସୋମବାର ରାତିରେ ଜଣେ ମହିଳା ଉଠିଥିବାବେଳେ ନିଆଁ ଲାଗିଥିବା ଦେଖିଥିଲେ। ସେ ପାଟି କରି ସମସ୍ତଙ୍କୁ ଉଠାଇଥିଲେ। ସେତେବେଳକୁ ନିଆଁ ଚାରିଆଡ଼େ ବ୍ୟାପି ଯାଇଥିଲା। ଗ୍ରାମବାସୀ ସଙ୍ଗେସଙ୍ଗେ ସତ୍ୟବାଦୀ ଦମକଳ ବାହିନୀକୁ ଖବର ଦେଇଥିଲେ। ଅଗ୍ନିକ ମନୋଜ କୁମାର ପାତ୍ରଙ୍କ ନେତୃତ୍ୱରେ ୭ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେତେବେଳକୁ ୧୧ ପରିବାରର ପ୍ରାୟ ୨୦ବଖରା ସମେତ ଅନ୍ୟ ସମାଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଥିଲା।

ଏହି ଖବର ପାଇଁ 'ସମାଜ' ରିଲିଫ୍ କମିଟି ଅଧକ୍ଷ ଡ.ପ୍ରଭାସ ଆଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ଅଗ୍ନିବିପନ୍ନଙ୍କୁ ସମବେଦନା ଜଣାଇବା ସହ ସହାୟତାର ହାତ ବଢ଼ାଇଥିଲେ। ପ୍ରତ୍ୟେକ ବିପନ୍ନଙ୍କ ପରିବାରର ମୁଖ୍ୟଙ୍କୁ ୨ ହଜାର ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସେହିପରି ସତ୍ୟବାଦୀର ପୂର୍ବତନ ବିଧାୟକ ରମାରଞ୍ଜନ ବଳିଆରସିଂ ବିପନ୍ନଙ୍କୁ ଚୁଡ଼ା, ଛତୁଆ, ବିସ୍କୁଟ, ମହମବତୀ, ସପ ଆଦି ବଣ୍ଟନ କରିଛନ୍ତି। ପୁରୀ ସାଂସଦ ଡ.ସମ୍ବିତ ପାତ୍ର, ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ବିପନ୍ନଙ୍କୁ ସମବେଦନା ଜଣାଇବା ସହିତ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ତହସିଲଦାର ଆଲୋକ କୁମାର ଦେହୁରୀ, ବିଡିଓ ଲିପ୍ସା ରାୟ ଘଟଣାସ୍ଥଳରେ ପହଞ୍ଚି ପଲିଥିନ ପ୍ରଦାନ କରିଛନ୍ତି। କ୍ଷତି ଆକଳନ ପରେ ନିୟମ ଅନୁଯାୟୀ ସରକାରୀ ସାହାଯ୍ୟ ପ୍ରଦାନ କରାଯିବ ବୋଲି ତହସିଲଦାର କହିଛନ୍ତି। ପରେ ଆରଆଇ ଗାଁରେ ପହଞ୍ଚି କ୍ଷତି ଆକଳନ କରିଥିବା ଜଣାପଡ଼ିଛି। ପଞ୍ଚାୟତ ସମିତି ଅଧ୍ୟକ୍ଷ ସୁନିଲ କୁମାର ପଣ୍ଡା, କଂଗ୍ରେସ ନେତା ମନୋଜ ରଥ, ସରପଞ୍ଚ ସୁରଥ ଚନ୍ଦ୍ର ସେଠୀ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କୁଞ୍ଜ ସାହୁ ପ୍ରମୁଖ ବିପନ୍ନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଛନ୍ତି।

- 'ସମାଜ' ରିଲିଫ କମିଟି ପକ୍ଷରୁ ସହାୟତା
- ୬ ବାଇକ୍, ୫ ସାଇକଲ ପୋଡ଼ିଗଲା

ଏଥିସହ ମହିଳାଙ୍କୁ ଶାଢ଼ୀ ବଣ୍ଟନ କରାଯାଇଛି। ସମାଜସେବୀ ତୁଳସୀ ରାମ ଜଗତ ଓ ସାମ୍ବାଦିକ ଧୀରେନ୍ଦ୍ର ଦାସ ଏଥିରେ ସହଯୋଗ କରିଥିଲେ।

ଜୁନାଗଡ଼ ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ

ଭବାନୀପାଟଣା, ୨୭।୮ (ସ.ପ୍ର): ଜୁନାଗଡ଼ ନଗରପାଳ ମୁକେଶ ଅଗ୍ରୱାଲଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଥିବାବେଳେ ଆଜି ଏନଏସିରେ ଅନୁଷ୍ଠିତ ଅନାସ୍ଥା ଭୋଟରେ ତାଙ୍କ ବିରୋଧରେ ବିଜେଡିର ୧୦ ଜଣ କାଉନସିଲର ଭୋଟ ଦେଇଥିବା ଚର୍ଚ୍ଚା ହେଉଛି। ଏ ସଂପର୍କରେ ସରକାରୀ ଭାବେ ଘୋଷଣା ହୋଇନାହିଁ। ଜୁନାଗଡ଼ ଏନଏସିରେ ବିଜେପିର ମୁକେଶ ଅଗ୍ରୱାଲ ଅଧକ୍ଷ ଭାବେ ନିର୍ବାଚିତ ହୋଇଥିବାବେଳେ ବିଜେଡିର ୧୦ ଓ ବିଜେପିର ୨ ଜଣ କାଉନସିଲର ନିର୍ବାଚିତ ହୋଇଛନ୍ତି। ବିଜେଡିର ସମସ୍ତ କାଉନସିଲର ନଗରପାଳଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥିଲେ। ଅଧିକାରୀ ଅନୁପସ୍ଥିତ ରହିବାରୁ ପୂର୍ବରୁ ୨ ଥର ମତଦାନ ଦିବସ ଘୁଞ୍ଚିଥିଲା। ଆଜି ଅନାସ୍ଥା ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅତିରିକ୍ତ ଜିଲା ପରିଷଦ ଅଧିକାରୀ ଦିଲୀପ ମହାରଣା ରାସ୍ତାରୋକ କାରଣରୁ ବହୁ ବିଳମ୍ବରେ ଆସିବା ପରେ ମତଦାନ ହୋଇଥିଲା। ମତଦାନର ବିବରଣୀ ଜିଲାପାଳଙ୍କୁ ଜଣାଇବେ ବୋଲି ଶ୍ରୀ ମହାରଣା ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟରୁ ବିଳମ୍ବରେ ମତଦାନ ହୋଇଥିବା କାରଣରୁ ଏହାର ଆଇନଗତ ଦିଗକୁ ନେଇ ରାଜନୈତିକ ମହଲରେ ତର୍ଜମା ଚାଲିଛି।

ଜବାବ ଦାଖଲ ପାଇଁ ସମୟ ନେଲେ ସାରଦା ନାୟକ

କଟକ, ୨୭।୮ (ବି.ପ୍ର.): ରାଉରକେଲା ବିଧାୟକ ସାରଦା ନାୟକଙ୍କ ବିରୋଧରେ ଉଚ୍ଚ ନ୍ୟାୟାଳୟରେ ରୁଜୁ ନିର୍ବାଚନ ଅନିୟମିତତା ମାମଲାର ଶୁଣାଣି ମଙ୍ଗଳବାର ହୋଇଥିଲା।

ସାରଦାଙ୍କ ବିରୋଧରେ ହୋଇଥିବା ଅଭିଯୋଗର ଲିଖିତ ତଥ୍ୟ ପ୍ରଦାନ ପାଇଁ ସମୟ ଦେବାକୁ ନ୍ୟାୟାଳୟଙ୍କ ନିକଟରେ ଆବେଦନ କରାଯାଇଥିଲା। ବିଚାରପତି ଶଶିକାନ୍ତ ମିଶ୍ର ଏହାର ଶୁଣାଣି କରି ବିଧାୟକଙ୍କୁ ଅନୁମତି ଦେଇଛନ୍ତି। ଅକ୍ଟୋବର ପହିଲାରେ ମାମଲାର ଶୁଣାଣି ହେବ। ବିଧାୟକ ସାରଦା ପ୍ରସାଦ ନାୟକଙ୍କ ବିଜୟକୁ ଅସିଦ୍ଧ ଘୋଷଣା ପାଇଁ ଭାଜପା ନେତା ଦିଲୀପ ରାୟ ଜୁନ୍ ୨୧ରେ ହାଇକୋର୍ଟରେ ମାମଲା ରୁଜୁ କରିଥିଲେ।

୮୫ତମ ଜନ୍ମଦିନ ଶୁଭେଚ୍ଛା

ଭୋଗରାଇର ଅନନ୍ୟ ଜନସେବକ, ପୂର୍ବତନ ମନ୍ତ୍ରୀ ଓଡ଼ିଶା ସରକାର, ପ୍ରଣମ୍ୟ ପ୍ରାକ୍ତନ ବିଧାୟକ ଶ୍ରୀଯୁକ୍ତ ଅନନ୍ତ ଦାସଙ୍କ ୮୫ତମ ଜୟନ୍ତୀ ଅବସରରେ ଅୟୁତ ଅଭିନନ୍ଦନ ଓ ଅଜସ୍ର ଶୁଭକାମନା । ଆପଣଙ୍କ ଉପରେ ଝରିପଡୁ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ବାବା ଚନ୍ଦନେଶ୍ୱରଙ୍କ ମଙ୍ଗଳ ଆଶିଷ। ଆପଣ ପାଳଟି ଯାଆନ୍ତୁ ଶତାୟୁ ପୁରୁଷ।

ଶୁଭେଚ୍ଛା ସହ : ଜୟନ୍ତୀ କମିଟି ଭୋଗରାଇ ଓ ଶୁଭେଚ୍ଛୁ

ବାଘ ଆତଙ୍କ ପାଇଁ ସ୍କୁଲ ଛୁଟି, ଲାଗିଲା କ୍ୟାମେରା

ସଇଁତଲା/ବଡ଼ମାଲ, ୨୭।୮ (ନି.ପ୍ର.): ଟିଟିଲାଗଡ଼ ରେଞ୍ଜ ବର୍ଣ୍ଣ ସଂରକ୍ଷିତ ଜଙ୍ଗଲ ଅଧୀନସ୍ଥ ବଡ଼ମାଲ ଗୋଳାବାରୁଦ କାରଖାନା ପରିସରରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟରେ କଲରାପତରିଆ ବାଘ ଦେଖା ଦେଉଥିବା ଚର୍ଚ୍ଚା ହେଉଛି। ଗତକାଲି ବିଳମ୍ବିତ ରାତିରେ କଲରାପତରିଆ ବାଘ ବିଦ୍ୟାଳୟ ପରିସରରେ ଘୁରି ବୁଲୁଥିବା କେତେକ କର୍ମଚାରୀ ଦେଖିଥିଲେ। ଖବର ପ୍ରଚାରିତ ହେବା ପରେ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ରୋହିତ ଚୌଧୁରୀ ହ୍ୱାଟ୍ସଆପ ଗ୍ରୁପ ଜରିଆରେ ବିଦ୍ୟାଳୟ ଦିନକ ପାଇଁ ସୁରକ୍ଷା ଦୃଷ୍ଟିରୁ ଛୁଟି ଘୋଷଣା ନେଇ ମେସେଜ କରିଥିଲେ। ପରେ ବଡ଼ମାଲ ଗୋଳାବାରୁଦ କାରଖାନା ସୁରକ୍ଷା କର୍ମୀ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଅଗ୍ନିଶମ ବିଭାଗ ଓ ସୁରକ୍ଷା କର୍ମୀଙ୍କ ସହ ବନ ବିଭାଗ ମଙ୍ଗଳବାର ସକାଳୁ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଥିବା ଘଞ୍ଚ ଜଙ୍ଗଲକୁ ଯାଇ ଯାଞ୍ଚ କରିଥିଲେ। କଲରାପତରିଆ ବାଘର ସନ୍ଧାନ କରିବା ସହ ବାଘର ଗତିବିଧି ସମ୍ପର୍କରେ ଖବର ରଖିବା ନେଇ ବନ୍ୟଜନ୍ତୁ ଟ୍ରାପ କ୍ୟାମେରା ଖଞ୍ଜିଥିଲେ। ବନ ବିଭାଗ ଓ ବଡ଼ମାଲ ପ୍ରଶାସନ ଓ ଅଗ୍ନିଶମ ବିଭାଗ ତରଫରୁ ବାଘ ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ସୂଚନା ମିଳି ନ ଥିବା ଜାଣିବା ପରେ ପୁଣି ସ୍କୁଲ ସ୍ୱାଭାବିକ ଭାବେ ଚାଲୁ ରଖିଛନ୍ତି ଅଧକ୍ଷ। ସୂଚନାଯୋଗ୍ୟ ଯେ, କିଛି ବର୍ଷ ପୂର୍ବରୁ କଲରାପତରିଆ ବାଘ କାରଖାନା ପରିସରରେ ଦୃଶ୍ୟମାନ ହେଉଥିବା ଖବର ପ୍ରଚାରିତ ହୋଇଥିଲା। ଏହି ଘଟଣା କାରଖାନା ପାଇଁ ନୂଆ କଥା ନୁହେଁ ବୋଲି ଚର୍ଚ୍ଚା ହେଉଛି। ଅଭିଭାବକ ଓ କାରଖାନା କର୍ମଚାରୀଙ୍କ ମଧ୍ୟରେ କଲରାପତରିଆ ବାଘ ନେଇ ଭୟର ବାତାବରଣ ସୃଷ୍ଟି ହୋଇଛି।

ଯାଜପୁର ସାଂସଦଙ୍କୁ ନୋଟିସ

କଟକ, ୨୭।୮ (ବି.ପ୍ର.): ଯାଜପୁର ସାଂସଦ ରବୀନ୍ଦ୍ର ନାରାୟଣ ବେହେରାଙ୍କୁ ହାଇକୋର୍ଟ ମଙ୍ଗଳବାର ନୋଟିସ୍ ଜାରି କରିଛନ୍ତି। ତାଙ୍କ ବିରୋଧରେ ଆଗତ ନିର୍ବାଚନ ଅନିୟମିତତା ମାମଲାକୁ ବିଚାର ପାଇଁ ଗ୍ରହଣ କରି ହାଇକୋର୍ଟ ଜବାବ ଦାଖଲ ନିମନ୍ତେ ଆଦେଶ ଦେଇଛନ୍ତି। ସେପ୍ଟେମ୍ବର ୧୧ ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ରବୀନ୍ଦ୍ର ନିର୍ବାଚନ ସତ୍ୟପାଠରେ ଅନିୟମିତତା କରିଥିବା ହେତୁ ତାଙ୍କ ବିଜୟକୁ ଅସିଦ୍ଧ ଘୋଷଣା କରିବା ପାଇଁ ପରାଜିତ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ପିଟିସନ୍ ଦାୟର କରିଛନ୍ତି।

ପ୍ରତ୍ୟୁଷ କୁମାର ନନ୍ଦଙ୍କ Ph.D. ଉପାଧି ଲାଭ

ଗବେଷକ ଶ୍ରୀ ପ୍ରତ୍ୟୁଷ କୁମାର ନନ୍ଦ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ କଟକରୁ ମ୍ୟାନେଜମେଣ୍ଟରେ ସମ୍ମାନସୂଚକ ଡକ୍ଟରେଟ୍ (Ph.D.) ଉପାଧି ଲାଭ କରିଛନ୍ତି। ସେ ଏହି ବିଶ୍ୱବିଦ୍ୟାଳୟର ସହଯୋଗୀ ପ୍ରଫେସର ଡ. ଆଲୋକ ସହାଇଙ୍କ ତତ୍ତ୍ୱାବଧାନରେ **"Study of Mass and Energy Balance of Sponge Iron Process and Identifying Oppurtunities for Efficiency Improvement"** ଉପରେ ସଫଳତାର ସହ ଗବେଷଣା ଏବଂ ସନ୍ଦର୍ଭ ଉପସ୍ଥାପନ କରି ଉକ୍ତ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଉକ୍ତ ସନ୍ଦର୍ଭଟି ନାଲ୍‌ସାର ବିଶ୍ୱବିଶ୍ୱଦ୍ୟାଳୟ, ହାଇଦରାବାଦର ପ୍ରଫେସର ଶ୍ରୀ ଶ୍ରୀନିଭାସ ସୁବାରାଓ ପାସୁମାର୍ତ୍ତୀଙ୍କ ଦ୍ୱାରା ପରୀକ୍ଷିତ ଓ ଉଚ୍ଚ ପ୍ରଶଂସିତ ହୋଇଅଛି। ତାଙ୍କର ଏହି ଗବେଷଣାର ବିଷୟବସ୍ତୁ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ପତ୍ରିକାରେ ପ୍ରକାଶିତ ହୋଇଛି। ଏହି ସଫଳତା ପାଇଁ ଶ୍ରୀ ନନ୍ଦ ତାଙ୍କର ତତ୍ତ୍ୱାବଧାରକ ପ୍ରଫେସର ଡ. ଆଲୋକ କୁମାର ସହାଇ ଏବଂ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ବିଭାଗୀୟ ସମସ୍ତ ଶିକ୍ଷକ ଏବଂ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ସର୍ବୋପରି ଏହି କୃତିତ୍ୱର ଶ୍ରେୟ ସେ ତାଙ୍କର ପିତା ଗୌରାଙ୍ଗ ଚରଣ ନନ୍ଦ, ମାତା ଜ୍ୟୋତିର୍ମୟୀ ନନ୍ଦ, ସହଧର୍ମିଣୀ ଡ. କଳ୍ପନା ଶତପଥୀ ଏବଂ ପରିବାରବର୍ଗ ତଥା ଆତ୍ମୀୟସ୍ୱଜନଙ୍କୁ ପ୍ରଦାନ କରିଛନ୍ତି। ବର୍ତ୍ତମାନ ଡ. ପ୍ରତ୍ୟୁଷ କୁମାର ନନ୍ଦ Tata Steel, Jodaରେ କାର୍ଯ୍ୟରତ ଅଛନ୍ତି। SCA/3239

କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି. ଲାଭ

ଭୁବନେଶ୍ୱରସ୍ଥିତ ନିସ୍ ଶିକ୍ଷାନୁଷ୍ଠାନର ପ୍ରାଧ୍ୟାପକ ଶ୍ରୀ ଭବାନୀ ଶଙ୍କର ରଥ ଗ୍ଲୋବାଲ୍ ୟୁନିଭରସିଟିରୁ କମ୍ପ୍ୟୁଟର ସାଇନ୍ସରେ ପିଏଚ୍.ଡି. ଉପାଧି ଲାଭ କରିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଉପରୋକ୍ତ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର୍ ସାଇନ୍ସ ବିଭାଗର ପ୍ରଫେସର ଡ. ପ୍ରତାପ ସିଂହ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ "An Examination of Embedded System of HIV Molecular Sequences and the Combining Machine Learning Model" ବିଷୟବସ୍ତୁ ଉପରେ ଗବେଷଣା କରି ସନ୍ଦର୍ଭଟି ପ୍ରସ୍ତୁତ କରିଥିଲେ। ତାଙ୍କର ସନ୍ଦର୍ଭଟି ତନ୍ତ୍ରିଆ ୟୁନିଭରସିଟିର ଆସୋସିଏଟ୍ ପ୍ରଫେସର୍ ଡକ୍ଟର ପଶିନ୍ କୁମାର ପରେଖ ଓ ଶ୍ରୀଗୁରୁ ନାନକ ବାଳିକା ପୋଷ୍ଟ-ଗ୍ରାଜୁଏଟ୍ ମହାବିଦ୍ୟାଳୟର ଆସୋସିଏଟ୍ ପ୍ରଫେସର ଡକ୍ଟର ମହେନ୍ଦ୍ର କୁମାରଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଅଛି। ଡକ୍ଟର ଭବାନୀ ଶଙ୍କର ରଥ ଭୁବନେଶ୍ୱରସ୍ଥିତ ଶାସ୍ତ୍ରୀନଗରର ସ୍ୱର୍ଗତ ବୈଦ୍ୟନାଥ ରଥ ଓ ଶ୍ରୀମତୀ ଶକୁନ୍ତଳା ରଥଙ୍କର କନିଷ୍ଠ ପୁତ୍ର ଏବଂ ଶ୍ରୀ ଜଗନ୍ନାଥ ମିଶ୍ର ଓ ଶ୍ରୀମତୀ ସୁଲୋଚନା ମିଶ୍ରଙ୍କ ଜ୍ୟେଷ୍ଠ ଜାମାତା ଅଟନ୍ତି। ଡକ୍ଟର ରଥ ଏଥିପାଇଁ ନିସ୍ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡକ୍ଟର ସୁଭାଷ ଚନ୍ଦ୍ର ନାୟକ ଏବଂ ସହପ୍ରତିଷ୍ଠାତା ପ୍ରଫେସର ସ୍ମୃତିସୁଧା ନାୟକଙ୍କୁ ଏହି ସଫଳତା ପାଇଁ କୃତଜ୍ଞତା ଜଣାଇଛନ୍ତି। ଏଥିସହିତ ତାଙ୍କ ସହଧର୍ମିଣୀ ଆଡଭୋକେଟ୍ ଶୈଳଜା ମିଶ୍ର ଓ ପୁତ୍ର ଭକ୍ତିବେଦାନ୍ତ ମିଶ୍ରଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି। ଏହି ସଫଳତା ପାଇଁ ସେ ତାଙ୍କର ବନ୍ଧୁ ଡକ୍ଟର କୈଳାସ ଚନ୍ଦ୍ର ନାୟକ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ସର୍ବଶେଷରେ ଏହି ସଫଳତା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ସଦ୍‌ଗୁରୁ ସାଇନାଥଙ୍କ ଅପାର କରୁଣା ଯୋଗୁଁ ସମ୍ଭବ ହୋଇପାରିଛି ବୋଲି ଡ. ରଥ ପ୍ରକାଶ କରିଛନ୍ତି।

ଦ.ପୂ.ରେଳପଥ–ଟେଣ୍ଡର

ଇ-ଟେଣ୍ଡର ନୋଟିସ ନଂ.: **23-24-NMGHS-400,** ତାରିଖ : ୨୭.୦୮.୨୦୨୪। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଓ ତରଫରୁ ଡେପୁଟି ଚିଫ୍ ମେକାନିକାଲ ଇଞ୍ଜିନିୟର (କ୍ୟାରେଜ୍ ୱାର୍କ୍ସ), ଖଡ଼ଗପୁର ୱାର୍କଶପ, ଖଡ଼ଗପୁର, ଦ.ପୂ.ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। **କାର୍ଯ୍ୟର ନାମ :** ଆଇସିଏଫ୍ କୋଚ୍‌ଗୁଡ଼ିକୁ ଏନ୍‌ଏମ୍‌ଜିଏଚ୍‌ଏସ କୋଚ୍‌କୁ ପରିବର୍ତ୍ତନ। **କାର୍ଯ୍ୟର ସ୍ଥାନ :** ଖଡ଼ଗପୁର ୱାର୍କଶପ, ଦକ୍ଷିଣ ପୂର୍ବ ରେଳପଥ, ପୋଷ୍ଟ-ଖଡ଼ଗପୁର, ଜିଲା-ପଶ୍ଚିମ ମେଦିନୀପୁର, ପିନ୍-୭୨୧୩୦୧। **ପରିମାଣ :** ୪୦୦ ସଂଖ୍ୟକ। **ଟେଣ୍ଡର ମୂଲ୍ୟ :** ଟ.୮୨,୨୦,୨୧,୬୧୬.୮୦। **ଅମାନତ ରାଶି :** ଟ.୪୨,୬୦,୧୦୦/-। **ଚୁକ୍ତି ଅବଧି :** ଏଲଓଏ ଜାରି ହେବା ତାରିଖଠାରୁ ୩୦ ମାସ। **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ୨୭.୦୯.୨୦୨୪ ତାରିଖ ୧୫.୦୦ ଘଣ୍ଟିକାରେ। **ଟେଣ୍ଡର କାଗଜପତ୍ର ମୂଲ୍ୟ :** ଶୂନ୍ୟ। **ବିଡିଂ ପ୍ରଣାଳୀ :** ଦୁଇ ପ୍ୟାକେଟ ପ୍ରଣାଳୀ। **ବିଡିଂ ପ୍ରକାର :** ଦୁଇ ସୋପାନରେ ରିଭର୍ସ ଅକ୍ସନ। ଇ-ପୋର୍ଟାଲ ୱେବ୍‌ସାଇଟ୍ **https://www.ireps.gov.in** ରେ ସବିଶେଷ ଟେଣ୍ଡର ନୋଟିସ ଓ ଟେଣ୍ଡର କାଗଜପତ୍ର ଉପଲବ୍ଧ। **(PR-525)**

ପୂର୍ବ ତଟ ରେଳପଥ

(1) ବିଜ୍ଞପ୍ତି ସଂ.eT-East-WAT-28-2024, ତା.19.08.2024ରିଖ

କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ଶ୍ରୀକାକୁଲମ୍ ରୋଡ୍ ପରିସୀମା ଅଧୀନସ୍ଥ **NG** ଲାଇନ୍‌ରେ ପୋଣ୍ଡୁରୁ(**Ex**)-ପଲାସା (**Ex**) ଷ୍ଟେସନ ଏବଂ ନୌପଡ଼ା (**Ex**)-ଗୁଣୁପୁର (**In**) ମଧ୍ୟରେ **30.09.2025** ସୁଦ୍ଧା ଶେଷ ହେଉଥିବା ଅବଧି ନିମନ୍ତେ **P.Way** କାର୍ଯ୍ୟଗୁଡ଼ିକ ନିମନ୍ତେ ଜୋନାଲ (**Zonal**) ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 4,54,01,775.12, EMD(ଟଙ୍କାରେ): **3,77,000/-**।

(2) ବିଜ୍ଞପ୍ତି ସଂ.eT-East-WAT-29-2024, ତା.19.08.2024ରିଖ

କାର୍ଯ୍ୟର ନାମ : ସହାୟକ ମଣ୍ଡଳ ଯନ୍ତ୍ରୀ/ବିଜୟନଗରମ୍ ପରିସୀମା ଅଧୀନସ୍ଥ **RV** ଲାଇନ୍‌ରେ ତୋଙ୍କିଶଭଲସା (**Ex**) ଠାରୁ ଗୋତଲମ୍ (**In**) ମଧ୍ୟରେ କି.ମି.**426/33** ଠାରୁ କି.ମି.**465/35** ପର୍ଯ୍ୟନ୍ତ ଏବଂ ଦୁଦି (**Ex**) ଠାରୁ ଅଲମଣ୍ଡା (**Ex**) ମଧ୍ୟରେ କି.ମି.**762/0** ଠାରୁ କି.ମି.**831/0** ପର୍ଯ୍ୟନ୍ତ ସେକ୍ସନରେ **P.Way** କାର୍ଯ୍ୟଗୁଡ଼ିକ ନିମନ୍ତେ ଜୋନାଲ (**Zonal**) ଚୁକ୍ତି।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 4,64,42,154.82, EMD(ଟଙ୍କାରେ): **3,82,200/-**।

କାର୍ଯ୍ୟ ଶେଷ ହେବା ଅବଧି: **12** ମାସ (ଉଭୟ ଟେଣ୍ଡର ନିମନ୍ତେ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.**11.09.2024** ରିଖ **1500** ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ **www.ireps.gov.in** ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ୱାଲ୍ଟିୟର

PR-460/P/24-25

Paradeep Phosphates Limited

CIN: L24129OR1981PLC001020
Registered Office: 5th Floor, Orissa State Handloom Weavers' Co-Operative Building, Pandit J N Marg, Bhubaneswar – 751 001 Tel: 0674 666 6100, E-mail: cs.ppl@adventz.com, Website: www.paradeepphosphates.com

NOTICE OF 42nd ANNUAL GENERAL MEETING OF PARADEEP PHOSPHATES LIMITED TO BE HELD THROUGH VIDEO CONFERENCE AND RECORD DATE

Shareholders may note that 42nd Annual General Meeting (AGM) of the Company will be held at 4:00 P.M. on Wednesday, September 25th, 2024 through Video Conferencing and other audio visual means (VC) in Compliance with applicable provisions of the Companies Act, 2013 General Circular Nos. 14/2020 dated April 08, 2020, 17/2020 dated April 13, 2020, 20/2020 dated May 05, 2020, 02/2021 dated January 13, 2021, 02/2022 dated May 05, 2022, 10/2022 dated December 28, 2022 and 09/2023 dated September 25, 2023 issued by Ministry of Corporate Affairs (MCA), (hereinafter collectively referred to as "MCA Circulars"), the Securities and Exchange Board of India (Listing Obligation and Disclosure Requirements) Regulations, 2015, and Circular no. SEBI/HO/CFD-PoD-2/P/CIR/2023/167 dated October 07, 2023 read with Master Circular no. SEBI/HO/CFD/PoD2/CIR/P/2023/120 dated July 11, 2023, issued by the Securities and Exchange Board of India (hereinafter collectively referred to as "SEBI Circulars"), to transact the business that will be set forth in the Notice of the Meeting.

In compliance with the above MCA circulars and SEBI circulars, Notice of 42nd AGM and Annual Report for the Financial Year 2023-24, will be sent all the shareholders whose email ids are registered with the Company/Depository Participant(s). Shareholders holding shares in dematerialized mode, are requested to register their email id and mobile numbers with their relevant depositories through their depository participants as per the process advised by Depository Participant(s). The Notice of the AGM and Annual Report will also be made available on the website of the Company at www.paradeepphosphates.com and website of the Stock Exchanges at www.bseindia.com and www.nseindia.com.

The shareholders will have an opportunity to cast their vote remotely on the business as set forth in the Notice of the AGM through electronic voting system. The manner of voting remotely will be provided in the Notice of AGM which will be made available on the website of the Company at www.paradeepphosphates.com and website of the Stock Exchanges at www.bseindia.com and www.nseindia.com.

The shareholders may note that, the Board of Directors in their meeting held on May 15, 2024 has recommended a dividend of Re 0.50 per equity share of Rs. 10 each for the year ended March 31, 2024. **The record date for determining entitlement of members to the for the FY 2024 is fixed as September 18th, 2024.** The final dividend if approved at the AGM, will be paid, subject to deduction of tax at source (TDS), within the statutory time. To avoid delay in receiving dividend, shareholders are requested to update their KYC and to notify change in bank account details, if any to their respective depository participant(s).

For Paradeep Phosphates Limited
Sachin Patil
Company Secretary

Place : Bengaluru
Date : August 27, 2024

UNIVERSITY LAW COLLEGE
UTKAL UNIVERSITY
VANI VIHAR, BHUBANESWAR-751004
Tel: 0674-2589507, Website: ulc.ac.in
E-mail: info.principalulc@gmail.com

ADVERTISEMENT FOR WALK-IN-INTERVIEW FOR GUEST FACULTIES AT ULC

No. ULC-32/1310/2024 **Date: 28.08.2024**

A walk-in-interview will be conducted for tenure based temporary engagement of 8 numbers of Guest faculty for one year in the rank of Assistant Professor on class wise remuneration for 5 years BA LLB (H) Course at University Law College, Vani Vihar under Utkal University. Interested candidates may visit the University Law College website: **ulc.ac.in** for details of qualification and other terms & conditions etc. The eligible candidates are advised to report at the P.G. Council, Hall, P.G. Central Office on 6th September 2024 at 10.30 a.m. for attending the walk-in-interview. The authority reserves the right to reject and cancel applications of any or all the candidates without assigning the reason thereto.

Principal ULC

ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

सेन्ट्रल बैंक ऑफ़ इंडिया
Central Bank of India
CENTRAL TO YOU SINCE 1911

(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ : କ୍ୱାଣ୍ଟମ ବିଲ୍ଡିଂ, ମୋଦିପଡା, ଫାର୍ମ ରୋଡ୍, ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୨, ଫୋନ୍ ନଂ.: ୦୬୬୩-୨୫୩୩୦୯୧/୨୫୨୨୯୫୪, ଇ-ମେଲ୍: cmrecoverysambro@centralbank.co.in

ଇ-ନିଲାମ ବିକ୍ରୟ ବିଜ୍ଞପ୍ତି
(ସ୍ଥାବର ସମ୍ପତ୍ତି ନିମନ୍ତେ)

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ,୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ନିୟମ ୮(୬) ବ୍ୟବସ୍ଥା ଅନୁଯାୟୀ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।

ଏତଦ୍‌ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ରଣଗ୍ରହୀତା ଓ ବନ୍ଧକଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର ସମ୍ପତ୍ତିଗୁଡ଼ିକ ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ/ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ଭୌତିକ/ଗଠନାତ୍ମକ/ସାଙ୍କେତିକ ଦଖଲ ନିଆଯାଇଅଛି, ଯାହାକୁ **"ଯେପରି ଯେଉଁଠାରେ ଅଛି", "ଯାହା ଯେପରି ଅଛି" "ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ରଣଗ୍ରହୀତା/ବନ୍ଧକଦାତାମାନଙ୍କ ଠାରୁ ବ୍ୟାଙ୍କ/ସୁରକ୍ଷିତ ରଣଦାତାଙ୍କ ରଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ। ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

କ୍ର.ନଂ.	ଶାଖା / ରଣଗ୍ରହୀତା/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା	ସମ୍ପତ୍ତିଗୁଡ଼ିକର ବିବରଣୀ / ଇ-ନିଲାମ ପୋର୍ଟାଲ୍ ରେ ସମ୍ପତ୍ତି ଆଇଡି	ଡିମାଣ୍ଡ ନୋଟିସ୍ ଅନୁଯାୟୀ ବକେୟା ଦେୟ / ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ	ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ
୧.	**ସମ୍ବଲପୁର ଶାଖା/** **ରଣଗ୍ରହୀତା: ୧) ଶ୍ରୀ ଉଦୟ କୁମାର ତିୱାରୀ,** ପିତା: ଶ୍ରୀ ଅଶୋକ ତିୱାରୀ, **୨) ଶ୍ରୀମତୀ ସରୋଜ ତିୱାରୀ,** ସ୍ୱାମୀ: ଶ୍ରୀ ଉଦୟ କୁମାର ତିୱାରୀ, ଉଭୟଙ୍କ ଠିକଣା ସା/ପୋ: ଗଳି ନଂ.: ୬, ପୋଦ୍ଦାର କଲୋନୀ, ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଓଡ଼ିଶା - ୭୬୮୦୦୩	**ଶ୍ରୀ ଉଦୟ କୁମାର ତିୱାରୀ,** ପିତା: ଶ୍ରୀ ଅଶୋକ ତିୱାରୀଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୫୬୭/୨୦୩୩, ପ୍ଲଟ୍ ନଂ.: ୩୯୪୭/୪୩୭୯, କ୍ଷେତ୍ର: ଏକର ୦.୦୫୭ ଡିସିମିଲି, ମୌଜା: ସମ୍ବଲପୁର ଟାଉନ, ୟୁନିଟ୍ ନଂ.: ୧୩, ତହସିଲ: ସମ୍ବଲପୁର, ଥାନା: ସମ୍ବଲପୁର, ଜିଲ୍ଲା: ସମ୍ବଲପୁର, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୮୮୧, ଦକ୍ଷିଣ: ପ୍ଲଟ୍ ନଂ.: ୩୯୪୭, ପୂର୍ବ: ୧୫ ଫୁଟିଆ ଚଉଡା ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୮୭୭ / **(ସାଙ୍କେତିକ ଦଖଲ) / ସମ୍ପତ୍ତି ଆଇଡି: CBIN20242509**	ଟ.୩୭,୪୯,୩୯୨.୦୦ + ସେବାବଦ ସୁଧ ଏବଂ ଖର୍ଚ୍ଚ / ୦୬.୦୫.୨୦୨୪ / ୨୫.୦୭.୨୦୨୪	ଟ.୬୪,୦୦,୦୦୦/- / ଟ.୬,୪୦,୦୦୦/- / ଟ.୧୦,୦୦୦/-
୨.	**ଖଡିଆଳ ରୋଡ ଶାଖା/** **ରଣଗ୍ରହୀତା: ୧) ଶ୍ରୀମତୀ ହରସୀତା ହଟୱାର,** ସ୍ୱାମୀ: ଶ୍ରୀ ଗଜିନ୍ଦ୍ର କୁମାର ହଟୱାର, **୨) ଶ୍ରୀ ଗଜିନ୍ଦ୍ର କୁମାର ହଟୱାର,** ପିତା: ସ୍ୱ ପଞ୍ଚମ ହଟୱାର, ଉଭୟଙ୍କ ଠିକଣା ସା.ପୋ: ୱାର୍ଡ ନଂ.: ୧୯, ଖଡିଆଳ ରୋଡ, ସାହୁ ସମାଜ ପଛପାର୍ଶ୍ୱ ନିକଟ, ଥାନା: ଜୋଙ୍କ, ଜିଲ୍ଲା: ନୂଆପଡା, ଓଡ଼ିଶା - ୭୬୬୧୦୪	**ଶ୍ରୀମତୀ ହରସୀତା ହଟୱାର,** ସ୍ୱାମୀ: ଶ୍ରୀ ଗଜିନ୍ଦ୍ର କୁମାର ହଟୱାରଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୩୩୧/୨୮୧, ପ୍ଲଟ୍ ନଂ.: ୨୪୭/୧୨୮୮, କ୍ଷେତ୍ର: ଏକର ୦.୦୫୭ ଡିସିମିଲି, ମୌଜା: ଖଡିଆଳ ରୋଡ ଟାଉନ ୟୁନିଟ୍ ନଂ.: ୧୬ ଚାଲମୁଣ୍ଡା, ତହସିଲ: ନୂଆପଡା, ଥାନା: ଜୋଙ୍କ, ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଶ୍ରୀଧର ଲାଲ ଦାଉଙ୍କ ପ୍ଲଟ୍, ଦକ୍ଷିଣ: ଶ୍ରୀଧର ଲାଲ ଦାଉଙ୍କ ପ୍ଲଟ୍, ପୂର୍ବ: ଶ୍ରୀଧର ଲାଲ ଦାଉଙ୍କ ପ୍ଲଟ୍, ପଶ୍ଚିମ: ରାସ୍ତା / **(ସାଙ୍କେତିକ ଦଖଲ) / ସମ୍ପତ୍ତି ଆଇଡି: CBIN20242507**	ଟ.୪୨,୬୫,୧୭୯.୦୦ + ସେବାବଦ ସୁଧ ଏବଂ ଖର୍ଚ୍ଚ / ୨୮.୧୨.୨୦୨୩ / ୦୩.୦୫.୨୦୨୪	ଟ.୫୧,୨୦,୦୦୦/- / ଟ.୫,୧୨,୦୦୦/- / ଟ.୧୦,୦୦୦/-
୩.	**ଖଡିଆଳ ରୋଡ ଶାଖା/** **ରଣଗ୍ରହୀତା: ୧) ଶ୍ରୀ କୁଲବନ୍ତ ସିଂ ଛାବଡା,** ପିତା: ଶ୍ରୀ ହରି ରାମ ଛାବଡା, **୨) ଶ୍ରୀମତୀ ସିମରନ କଉର ଛାବଡା,** ସ୍ୱାମୀ: କୁଲବନ୍ତ ସିଂ ଛାବଡା, ଉଭୟଙ୍କ ଠିକଣା ସା./ପୋ: ୱାର୍ଡ ନଂ.: ୧୫, ପଟେଲ ନଗର, ଖଡିଆଳ ରୋଡ, ଥାନା: ଜୋଙ୍କ, ଜିଲ୍ଲା: ନୂଆପଡା, ଓଡ଼ିଶା - ୭୬୬୧୦୪	**ଶ୍ରୀ କୁଲବନ୍ତ ସିଂ ଛାବଡା,** ପିତା: ଶ୍ରୀ ହରି ରାମ ଛାବଡାଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୬୧/୬୨, ପ୍ଲଟ୍ ନଂ.: ୮୧୩, କ୍ଷେତ୍ର: ଏକର ୦.୧୦୦ ଡିସିମିଲି, ମୌଜା: ଖଡିଆଳ ରୋଡ ଟାଉନ ୟୁନିଟ୍ ନଂ.: ୧୧ ଡୁମେରଡିହି, ତହସିଲ: ନୂଆପଡା, ଥାନା: ଜୋଙ୍କ, ଜିଲ୍ଲା: ନୂଆପଡା, ଏହାର ଚାରିପାର୍ଶ୍ୱରେ ଉତ୍ତର: ମହମ୍ମଦ ମୁନାଫ, ଦକ୍ଷିଣ: ପ୍ରସ୍ତାବିତ ରାସ୍ତା, ପୂର୍ବ: ମହମ୍ମଦ ମୁନାଫ, ପଶ୍ଚିମ: ମଙ୍ଗରପାଲିର ସୀମା ସରହଦ / **(ସାଙ୍କେତିକ ଦଖଲ) / ସମ୍ପତ୍ତି ଆଇଡି: CBIN20242508**	ଟ.୧୮,୯୭,୮୬୯.୦୦ + ସେବାବଦ ସୁଧ ଏବଂ ଖର୍ଚ୍ଚ / ୧୧.୧୦.୨୦୨୨ / ୨୧.୦୧.୨୦୨୩	ଟ.୨୦,୪୫,୦୦୦/- / ଟ.୨,୦୪,୫୦୦/- / ଟ.୫,୦୦୦/-

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନମତେ ପ୍ରଦତ୍ତ :

୧) ଇ-ନିଲାମ ତାରିଖ ଏବଂ ସମୟ: ୩୦.୦୯.୨୦୨୪, ପୂର୍ବାହ୍ନ ୧୧.୦୦ ଘଟିକା ରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ ସ୍ୱତଃ ୧୦ ମିନିଟ୍ ବର୍ଦ୍ଧିତ ସମୟ ସହିତ।
୨) ଅମାନତ ରାଶି ଏବଂ ବିଡ୍ କାଗଜାତ୍ ଦାଖଲ କରିବାର ଅନ୍ତିମ ତାରିଖ ଏବଂ ସମୟ : ୨୯.୦୯.୨୦୨୪ ଅପରାହ୍ନ ୪.୦୦ ଘଟିକା ପର୍ଯ୍ୟନ୍ତ
୩) ଇ-ନିଲାମ ବିକ୍ରୟ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ନିଲାମଧାରୀମାନେ ସେମାନଙ୍କର ସଂପୂର୍ଣ୍ଣ ବିବରଣୀ ସେବାପ୍ରଦାନକାରୀଙ୍କ **https://ebkray.in/eauction-psb/**ରେ ପୂର୍ବରୁ ପଞ୍ଜୀକରଣ କରିବେ ଏବଂ ନିଜର ୟୁଜର ଆଇଡି ଏବଂ ପାସୱାର୍ଡ ସଂଗ୍ରହ କରିବେ। ଇଚ୍ଛୁକ ନିଲାମଧାରୀମାନେ କେବଳ ପାସୱାର୍ଡ ପରିବର୍ତ୍ତନ କରିବାକୁ ପରାମର୍ଶ ଦିଆଯାଉଛି। ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ନିମନ୍ତେ ଦୟାକରି ୱେବ୍‌ସାଇଟ୍: **www.ebkray.in/eauction-psb/**ରେ ଦିଆଯାଇଥିବା ଲିଙ୍କ୍ ଏବଂ ସୁରକ୍ଷିତ ରଣଦାତାଙ୍କ ୱେବ୍‌ସାଇଟ୍: **www.centralbankofindia.co.in** କୁ ଦେଖନ୍ତୁ। ଆଇଡି ଏବଂ ପାସୱାର୍ଡ ତିଆରି କରିବା, ଡାଟା ଅପଲୋଡ୍ କରିବା, ବିଡ୍ ଦାଖଲ କରିବା, ଇ-ବିଡିଂ ପ୍ରକ୍ରିୟାରେ ଟ୍ରେନିଂ ନେବା ଆଦି ସହାୟତା ପାଇଁ ୱେବ୍‌ସାଇଟ୍: **www.ebkray.in/eauction-psb/** କିମ୍ବା **email id: psba@psballiance.com** ଏବଂ **support.ebkray@psballiance.com** କିମ୍ବା **their helpdesk Number 918291220220** ରେ ଯୋଗାଯୋଗ କରନ୍ତୁ।
୪) ନିଲାମଧାରୀ **www.ebkray.in/eauction-psb/** ରେ ପଞ୍ଜୀକରଣ କରିବେ ଏବଂ KYC ଦସ୍ତାବିଜଗୁଡ଼ିକ ଅପଲୋଡ କରିବେ। ସେବା ପ୍ରଦାନକାରୀଙ୍କ ଦ୍ୱାରା KYC କାଗଜାତ୍ ଗୁଡ଼ିକ ଯାଞ୍ଚ ହୋଇସାରିଲାପରେ ଅମାନତ ରାଶି wallet ରେ ଦାଖଲ କରିବାକୁ ପଡ଼ିବ।
୫) ସମ୍ପତ୍ତି ସମ୍ବନ୍ଧୀୟ ସବିଶେଷ ବିବରଣୀ ଏବଂ ତନଖି ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ **ସମ୍ପତ୍ତି କ୍ର.ନଂ.: ୧ ନିମନ୍ତେ- Ms. J. Khura, Branch Manager, Branch-Sambalpur, Mob. No.: 7381002138, ସମ୍ପତ୍ତି କ୍ର.ନଂ.: ୨ ଏବଂ ୩ ନିମନ୍ତେ- Mr. Raj Kumar Raju, Branch Manager, Branch- Khariar Road, Mob. No.: 9124352941** ରେ ଯୋଗାଯୋଗ କରିପାରିବେ କିମ୍ବା **କ୍ଷମତାପ୍ରାପ୍ତ ଅଧିକାରୀ: ଶ୍ରୀ ରଞ୍ଜନ କୁମାର, ମୁଖ୍ୟ ପ୍ରବନ୍ଧକ, କ୍ଷେତ୍ରୀୟ କାର୍ଯ୍ୟାଳୟ, ସମ୍ବଲପୁର, ମୋ ନଂ.:୬୩୭୦୦୬୦୭୨୯** କାର୍ଯ୍ୟ ଦିବସରେ ଅପରାହ୍ନ ୨.୦୦ ଘଟିକା ରୁ ୪.୦୦ଘଟିକା ମଧ୍ୟରେ ଯୋଗାଯୋଗ କରିପାରିବେ ।
୬) ଯଦି ବ୍ୟାଙ୍କ / କ୍ଷମତାପ୍ରାପ୍ତ ଅଧିକାରୀ ବିକ୍ରୟ ସମ୍ପତ୍ତିର ଭୌତିକ ଦଖଲକୁ କ୍ରେତାଙ୍କୁ ଇ-ନିଲାମ ତାରିଖରୁ ୬ମାସ ମଧ୍ୟରେ ପ୍ରଦାନ କରିବାକୁ ବିଫଳ ହୁଅନ୍ତି ତେବେ ବ୍ୟାଙ୍କର କ୍ଷମତା ପ୍ରାପ୍ତ ଅଧିକାରୀଙ୍କୁ ଅନୁରୋଧ କ୍ରମେ ନିଲାମୀ କ୍ରେତାଙ୍କ ଦ୍ୱାରା ବ୍ୟାଙ୍କରେ ଦାଖଲ କରାଯାଇଥିବା ରାଶି କ୍ରେତାଙ୍କୁ ଫେରସ୍ତ ଦିଆଯିବ।
୭) କ୍ରେତା ସମସ୍ତ ପ୍ରଯୁଜ୍ୟ ଷ୍ଟାମ୍ପ ଡ୍ୟୁଟି / ଅତିରିକ୍ତ ଷ୍ଟାମ୍ପ ଡ୍ୟୁଟି / ଟ୍ରାନ୍ସଫର ଦେୟ, ଫି ଇତ୍ୟାଦି ଏବଂ ସମସ୍ତ ବୈଧାନିକ / ଅଣ-ବୈଧାନିକ ଦେୟ, ଟ୍ୟାକ୍ସ, ଟିଡିଏସ୍ ଇତ୍ୟାଦି ବହନ କରିବେ।

ସରଫେସୀ ଆକ୍ଟ, ୨୦୦୨ର ରୁଲ୍ ୮(୬) ଅନୁଯାୟୀ ୩୦ ଦିନିଆ ବୈଧାନିକ ବିକ୍ରୟ ନୋଟିସ୍।

ସ୍ଥାନ : ସମ୍ବଲପୁର, ତାରିଖ : ୨୭.୦୮.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ସେଣ୍ଟ୍ରାଲ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

ବୟନିକା

୧୯୫୬ ମସିହା ଠାରୁ

ଗଣେଶ ପୂଜା ଓ ନୂଆଖାଇ ଉପଲକ୍ଷେ



ବିଶେଷ ସରକାରୀ ରିହାତି

୧୦% + ୨୦%

(ସମସ୍ତ ଶାଖାରେ ଉପଲବ୍ଧ)



Shop Online at :
www.boyanika.com

OIPR-31004/13/0030/2425
DSPL-85

୨୮.୦୮.୨୦୨୪ ରୁ ୦୭.୦୯.୨୦୨୪ ପର୍ଯ୍ୟନ୍ତ

ହସ୍ତତନ୍ତ, ବସ୍ତ୍ର ଓ ହସ୍ତଶିଳ୍ପ ବିଭାଗ, ଓଡ଼ିଶା ସରକାର